**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**ବୈଦେଶିକ ମୁଦ୍ରା ବିନିମୟ ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ-୪୦୦୦୦୧**

ଏ.ପି.(ଡ଼ିଆଇଆର ସିରିଜ୍) ପରିପତ୍ରନଂ .୧୬

ସେପ୍ଟେମ୍ବର ୧୨, ୨୦୦୨

ବୈଦେଶିକ ମୁଦ୍ରାରେ ସମସ୍ତ ପ୍ରାଧିକୃତ ଡ଼ିଲର

ମହାଶୟା/ମହାଶୟ,

**ବିଦେଶରେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବୈଦେଶିକ ମୁଦ୍ରା ପ୍ରାପ୍ତିରେ ଉଦାରୀକରଣ**

ପ୍ରାଧିକୃତ ଡ଼ିଲର ମାନଙ୍କରେ ଦୃଷ୍ଟି ମେ ୩,୨୦୦୦ ମସିହାର ଜି.ଏସ୍.ଆର.୩୮୧ (ଇ),ର ଅନୁସୂଚୀ ୩ ଅନ୍ତର୍ଗତ କ୍ରମିକ ୯ କୁ ଆକର୍ଷଣ କରାଯାଉଅଛି । ବାସିନ୍ଦା ମାନଙ୍କୁ ବିଦେଶରେ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ଭାରତର କିମ୍ବା ବିଦେଶର ଡ଼ାକ୍ତର ବା ଚିକିତ୍ସାଳୟର ଖର୍ଚ୍ଚ ହିସାବ ଚିଠା ଭିତ୍ତିରେ ବୈଦେଶିକ ମୁଦ୍ରା ପ୍ରଦାନ କରିବାକୁ ପ୍ରାଧିକୃତ ଡ଼ିଲର ମାନଙ୍କୁ ଉପରୋକ୍ତ ଅନୁସୂଚୀ ମାଧ୍ୟମରେ କ୍ଷମତା ପ୍ରଦାନ କରାଯାଇଥିଲା ।

୨. ବିନା ବାଧାବିଘ୍ନରେ ଏବଂ ସମୟ ଅପଚୟ ନକରି ବାସିନ୍ଦା ମାନଙ୍କୁ ବିଦେଶରେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବୈଦେଶିକ ମୁଦ୍ରା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହା ନିଷ୍ପତ୍ତି ନିଆଯାଇଛି ଯେ ପ୍ରାଧିକୃତ ଡ଼ିଲର ମାନେ ଡ଼ାକ୍ତର କିମ୍ବା ଚିକିତ୍ସାଳୟର ଖର୍ଚ୍ଚ ହିସାବ ଚିଠା ଉପରେ ଗୁରୁତ୍ୱ ନଦେଇ ୫୦୦୦୦ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ରାଶି ପ୍ରଦାନ କରିପାରିବେ ।

୩. ସେହି ଅନୁସାରେ, ଆବେଦନକାରୀର ଘୋଷଣାନାମା ଭିତ୍ତିରେ ପ୍ରାଧିକୃତ ଡ଼ିଲର ମାନେ ୫୦୦୦୦ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ରାଶି ପ୍ରତିବଦଳ କରିପାରିବେ । ଆବେଦନ କାରୀ ଏହା ଘୋଷଣା କରିବେ ଯେ, ସେ ଏହି ରାଶି ବିଦେଶରେ ସ୍ୱାସ୍ଥ୍ୟ ଚିକିତ୍ସା ଉଦ୍ଦେଶ୍ୟରେ କ୍ରୟ କରୁଛନ୍ତି ଏବଂ ପ୍ରତିବଦଳ ରାଶି ସେ ଚେକ୍ ମାଧ୍ୟମରେ କିମ୍ବା ନିଜ ଆକାଉଣ୍ଟ ଉପରେ ପ୍ରସ୍ତୁତ ହୋଇଥିବା ଡ଼ିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରିବେ ।

୪. ପ୍ରାଧିକୃତ ଡ଼ିଲର ମାନେ ଏହି ପରିପତ୍ରର ବିଷୟବସ୍ତୁ ସେମାନଙ୍କର ସମ୍ପୃକ୍ତ ଗ୍ରାହକଙ୍କୁ ଅବଗତ କରାଇବେ ।

୫. ଏହି ପରିପତ୍ରରେ ଥିବା ନିର୍ଦ୍ଦେଶାବଳୀ ବୈଦେଶିକ ବିନିମୟ ପରିଚାଳନା ଅଧିନିୟମ, ୧୯୯୯ (୧୯୯୯ର ୪୨)ର ଧାରା ୧୦(୪) ଓ ଅନୁଚ୍ଛେଦ ୧୧(୧) ଅନୁସାରେ ଜାରୀ କରାଯାଇଅଛି ।

ଆପଣଙ୍କର ବିଶ୍ୱସ୍ତ

**ଗ୍ରେସ୍ କୋସୀ**

ମୁଖ୍ୟ ମହାପ୍ରବନ୍ଧକ